ଧରିତ୍ରୀ
DHARITRI

# ମନ୍ ମିଜାଜ୍

ଗୁରୁବାର, ୪ ଅକ୍ଟୋବର, ୨୦୧୮


କେରୀ ବ୍ଲୁ ଟେରିୟର




ଗ୍ରେଟ୍ ଡେନ୍ ହାର୍ଲେକ୍ୱିନ୍

## ଆଦରର ପ୍ରାଣୀ


ପୋମେରାନିଆନ୍

## କାହା ପାଇଁ ସଉକ, କାହାର ସୁରକ୍ଷା କବଚ

**ସଉକ ପାଇଁ ହେଉ କି ସୁରକ୍ଷା, ବର୍ତ୍ତମାନ ସମୟରେ ଘରେ କୁକୁର ରଖିବା ଏକ ଟ୍ରେଣ୍ଡ ପାଲଟିଛି। କୁକୁର ବିଶ୍ୱସ୍ତ ହୋଇଥିବାରୁ ଏହାର ଆଦର ବହୁ ପୁରୁଣା ସମୟରୁ ରହିଆସିଛି। ଅନେକେ ଏହାକୁ ଘରେ ସନ୍ତାନଙ୍କ ଭଳି ପାଳନ୍ତି ଏବଂ ସେମାନଙ୍କ ଯତ୍ନ ସେହିଭଳି ନିଅନ୍ତି । ବିଶେଷକରି କୁକୁରଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ, ଯତ୍ନ, ପ୍ରଶିକ୍ଷଣ ଏବଂ ବିଭିନ୍ନ କାମରେ ସେମାନଙ୍କୁ ନିୟୋଜିତ କରିବା ପାଇଁ ଲୋକେ ଅନେକ କିଛି ପଦକ୍ଷେପ ନିଅନ୍ତି। ଲୋକଙ୍କ ଏଭଳି ଆଗ୍ରହ ଦେଖି ବ୍ୟବସାୟ ମଧ ବିସ୍ତାର ହୋଇଛି। କୁକୁରଙ୍କୁ ନେଇ କ୍ଲବ ଗଠନ ହୋଇଥିବାବେଳେ ସେମାନଙ୍କ କ୍ରୀଡ଼ାକୌଶଳକୁ ନେଇ ବଡ଼ ବଡ଼ ପ୍ରଦର୍ଶନୀ ଆୟୋଜନ କରାଯାଉଛି। ସହରଗୁଡ଼ିକରେ ମାଲିକଙ୍କ ଅନୁପସ୍ଥିତିରେ ପୋଷା କୁକୁରଙ୍କ ଯତ୍ନ ନେବା ପାଇଁ ହଷ୍ଟେଲ ବ୍ୟବସ୍ଥା ଉପଲବ୍ଧ ହେଲାଣି।**

ଅନେକ ଲୋକଙ୍କ ଜୀବନଧାରା ସହ ଯୋଡ଼ି ହୋଇ ଆଦର ସାଉଁଟୁଥିବା ପ୍ରାଣୀ ହେଉଛି କୁକୁର । କେତେକ ଗୁଣ ଓ ଅବଦାନ ପାଇଁ ଏହା ପରିବାରର ସଦସ୍ୟ ପାଲଟୁଛି। ଘରର ଅନ୍ୟ ସଦସ୍ୟଙ୍କ ଭଳି ଏହାର ସ୍ୱାସ୍ଥ୍ୟ, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି । ହେଲେ ଘରେ କୁକୁର ରଖିବା ପାଇଁ ଲୋକେ ଏବେ କେତେକ ଜରୁରୀ କଥାକୁ ଗୁରୁତ୍ୱ ଦେଉଛନ୍ତି। ଯେଭଳି କୁକୁରଙ୍କୁ ପ୍ରଶିକ୍ଷଣ । ନଚେତ୍ ସେମାନଙ୍କୁ ବଶ କରିବା ସମ୍ଭବ ହୋଇ ନ ଥାଏ । ବିନା ପ୍ରଶିକ୍ଷଣରେ ବିଦେଶୀ କୁକୁର ମନୁଷ୍ୟ ପାଇଁ ଭୟଙ୍କର ହୋଇପାରନ୍ତି । ତେବେ ଏ ସମସ୍ୟା ଦୂର କରିବା ପାଇଁ ଅନେକ ପ୍ରଶିକ୍ଷକ ଅଛନ୍ତି। ଯେଉଁମାନେ ଅର୍ଥ ବିନିମୟରେ କୁକୁରମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ସେହିପରି କୁକୁର ରଖିଲେ ଚିନ୍ତା ହୋଇଥାଏ ତାକୁ କ'ଣ ଖାଦ୍ୟ ଦିଆଯିବ। ତେବେ କେଉଁ ଓ କେତେ ବୟସର କୁକୁରଙ୍କୁ କେଉଁ ପ୍ରକାର ଖାଦ୍ୟ ଦିଆଯିବ ସେଥିରେ ଭିନ୍ନତା ରହିଛି। ଅନେକ କୁକୁର କେବଳ ବାହାର ଖାଦ୍ୟ ଖାଉଥିବାବେଳେ କିଛି କୁକୁର ବାହାର ଖାଦ୍ୟ ସହିତ ଘରୋଇ ଖାଦ୍ୟ ଖାଇଥାନ୍ତି। କିନ୍ତୁ ଆମିଷ ଖାଇବ କି ନାହିଁ ତାହା ପ୍ରଶିକ୍ଷକମାନେ କହିଥାନ୍ତି। କୁକୁରଙ୍କ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଔଷଧ, ଟିକାକରଣ ଓ ଭିଟାମିନ୍ ପାଇଁ ଗୁରୁତ୍ୱ ଦିଆଯାଉଛି। କୁକୁରମାନଙ୍କ

ପୃ ୭


ବାସେଟ୍ ହାଉଣ୍ଡ


ଡାଲ୍‌ମାସିଆନ୍


ଆଫ୍‌ଗାନ୍ ହାଉଣ୍ଡ


ଫ୍ରେଞ୍ଚ ମାଷ୍ଟିଫ୍


କେନ୍ କର୍ସୋ


ଚାଓ ଚାଓ


ଲଙ୍ଗ୍ ହେୟାର ଡାକ୍ସହୁଣ୍ଡ


ଲାସା ଆପ୍‌ସୋ


ସେଣ୍ଟ ବର୍ନାଡ୍


ଗୋଲ୍ଡେନ୍ ରେଟ୍ରିଭର


ବିଗେଲ୍

# ଆଦରର ପ୍ରାଣୀ

## କାହା ପାଇଁ ସଉକ, କାହାର ସୁରକ୍ଷା କବଚ

ପ୍ରଥମ ପୃଷ୍ଠାରୁ...

ସ୍ୱାସ୍ଥ୍ୟସେବା ଲାଗି ପ୍ରାୟ ସବୁଠି ପ୍ରାଣୀ ଚିକିତ୍ସା କେନ୍ଦ୍ର ରହିଛି। ଭୁବନେଶ୍ୱରରେ କେତେକ ପ୍ରାଣୀ ଚିକିତ୍ସା କେନ୍ଦ୍ର ଥିଲେ ମଧ୍ୟ କୁକୁର ରଖୁଥିବା ଲୋକଙ୍କ ପ୍ରଥମ ପସନ୍ଦ ହେଉଛି ଓୟୁଏଟିର ଭେଟେରିନାରି କଲେଜ। ଅନ୍ୟ ଚିକିତ୍ସା କେନ୍ଦ୍ରରେ ଏକ୍ସ-ରେ କିମ୍ବା ଅଲଟ୍ରା ସାଉଣ୍ଡ ଆଦିର ସୁବିଧା ନାହିଁ, ଯାହା କେବଳ ଓୟୁଏଟିରେ ଉପଲବ୍ଧ।

**ହଷ୍ଟେଲ-** କୁକୁରକୁ ଘରେ ଏକୁଟିଆ ଛାଡ଼ି ବାହାରକୁ ଯିବା ପ୍ରାୟ ଅସମ୍ଭବ। କେତେଜଣ ବାହାରୁ ଯିବା ପାଇଁ ଚାହିଁଲେ ବି ଯାଇପାରନ୍ତି ନାହିଁ। କୁକୁର ଏକୁଟିଆ ରହିଲେ ତା'ର ଖାଦ୍ୟଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଅସୁବିଧା ହୋଇଥାଏ। ତେଣୁ କେହି କେହି ନିଜ ସମ୍ପର୍କୀୟଙ୍କ ଘରେ କୁକୁରକୁ ଛାଡ଼ି ଯାଆନ୍ତି। ତେବେ ସ୍ମାର୍ଟସିଟିରେ ସ୍ମାର୍ଟ ସେବା ପ୍ରଦାନ କରିବା ପାଇଁ ରହିଛି ହଷ୍ଟେଲ। ଯଦି କେହି ବ୍ୟକ୍ତି କିଛିଦିନ ପାଇଁ ବାହାରକୁ ଯାଆନ୍ତି ତେବେ ତାଙ୍କ କୁକୁରକୁ ସେହି ହଷ୍ଟେଲରେ ନିର୍ଦ୍ଧାରିତ ମୂଲ୍ୟ ଦେଇ ଛାଡ଼ି ଯାଇପାରିବେ। ଚନ୍ଦ୍ରଶେଖରପୁରସ୍ଥିତ ଟେଲ୍‌ୱାଗର୍ସ, ସିଜୁଆସ୍ଥିତ ପିପୁଲ ଫର୍ ଆନିମାଲର ସେଲଟର ହୋମ୍ ଭଳି ହଷ୍ଟେଲ ରାଜଧାନୀରେ ରହିଛି।

**ମାଇକ୍ରୋ ଚିପ୍-** କେନେଲ କ୍ଲବ୍ ଅଫ୍ ଇଣ୍ଡିଆ ସହଯୋଗରେ ଓଡ଼ିଶା କେନେଲ କ୍ଲବ୍ ପକ୍ଷରୁ ପୋଷା କୁକୁରଙ୍କ ପାଇଁ ମାଇକ୍ରୋ ଚିପ୍ ବ୍ୟବସ୍ଥା କରାଯାଇଛି। ଏହି ଚିପ୍‌ରେ ୧୧ ଡିଜିଟ୍‌ର ଏକ କୋଡ୍ ରହୁଛି। ତାହା ଏକ ୟୁନିକ୍ ନମ୍ବର। ଗୋଟେ ଚାଉଳର ଏକ ଚତୁର୍ଥାଂଶ ହେଉଛି ମାଇକ୍ରୋ ଚିପ୍‌ର ଆକାର। ତାହା ଏକ ସିରିଞ୍ଜରେ ଲାଗିଥାଏ। ଏହି ସିରିଞ୍ଜ ସହ ମାଇକ୍ରୋ ଚିପ୍ ଆସିଥାଏ। ଯେତେବେଳେ କେନେଲ କ୍ଲବ୍‌ରେ କୁକୁର ପଞ୍ଜୀକୃତ ହୋଇଥାଏ, ସେତେବେଳେ କୁକୁରର ନାମ, ମାଲିକ ନାମ, କେଉଁ ପ୍ରଜାତିର କୁକୁର, ରଙ୍ଗ, ମାଈ କିମ୍ବା ଅଣ୍ଡିରା ଆଦି ତଥ୍ୟ ଉଲ୍ଲେଖ ଥିବା ମାଇକ୍ରୋ ଚିପ୍ ଦିଆଯାଇଥାଏ। ଯଦି କୁକୁର ହଜିଯାଏ କିମ୍ବା କେହି ନିଜ କୁକୁରକୁ ଚିହ୍ନି ନ ପାରନ୍ତି ତେବେ ମାଇକ୍ରୋ ଚିପ୍ ବହୁତ ସହାୟକ ହୋଇଥାଏ। ଏହାକୁ କୁକୁରର ବେକ ପାଖରେ ଚମଡ଼ା ତଳେ ଲଗାଯାଏ। ଏହାକୁ ଯେକୌଣସି ପ୍ରାଣୀ ଚିକିତ୍ସକ ଲଗାଇପାରିବେ। ସ୍କାନରରେ ମାଇକ୍ରୋ ଚିପ୍‌ର ନମ୍ବର ଜାଣିବା ପରେ ତା' ସମ୍ପର୍କରେ ତଥ୍ୟ ମିଳିପାରିବ। ଅନେକ ଲୋକ ଏହି ମାଇକ୍ରୋ ଚିପ୍ ପାଇଁ ନିଜ ହଜିଥିବା କିମ୍ବା ଚୋରି ହୋଇଥିବା କୁକୁରଙ୍କୁ ପାଇଛନ୍ତି ବୋଲି ଓକେସି ପକ୍ଷରୁ ଜଣାପଡ଼ିଛି।

**ଡଗ୍ ଶୋ-** ପ୍ରତିବର୍ଷ ରାଜଧାନୀ ଭୁବନେଶ୍ୱରରେ ଓଡ଼ିଶାର ସବୁଠାରୁ ବଡ଼ ଡଗ୍ ଶୋ ବା କୁକୁର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥାଏ। କୁକୁର ପାଳୁଥିବା ଲୋକମାନେ ନିଜ ନିଜର କୁକୁରଙ୍କୁ ଆଣି ବିଭିନ୍ନ ପ୍ରଦର୍ଶନ ଭିତ୍ତିକ ପ୍ରତିଯୋଗିତାରେ ସାମିଲ କରାଇଥାନ୍ତି। ବାହାର ରାଜ୍ୟର ଲୋକମାନେ ମଧ୍ୟ ନିଜ କୁକୁର ନେଇ ଆସନ୍ତି। ଦେଶ ବିଦେଶରୁ ବିଚାରକମାନେ ବିଭିନ୍ନ କ୍ଷେତ୍ରକୁ ଦେଖି କୃତୀ କୁକୁରମାନଙ୍କୁ ପୁରସ୍କୃତ କରିଥାନ୍ତି। ଏହି ଡଗ୍ ଶୋ'କୁ ଓଡ଼ିଶା କେନେଲ କ୍ଲବ୍ (ଓକେସି)ପକ୍ଷରୁ ଆୟୋଜିତ ହୋଇଥାଏ। ଗୋଟିଏ ପ୍ରଦର୍ଶନୀରେ ଭିନ୍ନ ପ୍ରଜାତିର କୁକୁରମାନଙ୍କୁ ଦେଖିବା ପାଇଁ ଓ ସେମାନଙ୍କ କ୍ରୀଡ଼ାକୌଶଳ ଦେଖିବା ପାଇଁ ବହୁତ ଭିଡ଼ ହୋଇଥାଏ। ପ୍ରତିବର୍ଷ ଡିସେମ୍ବରରେ ଏହି ପ୍ରଦର୍ଶନୀ ହୋଇଥାଏ।

**କ୍ୟାନାଇନ୍ ଗୁଡ୍ ସିଟିଜେନ୍ ପ୍ରୋଗ୍ରାମ-** କୁକୁରମାନେ ସମାଜରେ କିପରି ଆଦୃତ ହୋଇପାରିବେ ସେଥିପାଇଁ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ମାଲିକଙ୍କ ଅଚିହ୍ନା ବନ୍ଧୁଙ୍କୁ ଗ୍ରହଣ କରିପାରୁଥିବା, ଥାପୁଡ଼େଇଲେ ଶାନ୍ତ ହୋଇ ବସିପାରୁଥିବା, ଅପରିଷ୍କାର ହୋଇ ନ ଥିବା, ଲୋକଙ୍କ ଭିଡ଼ ଦେଖି ବ୍ୟସ୍ତବିବ୍ରତ ହେଉ ନ ଥିବା, ମାଲିକର କମାଣ୍ଡ ମାନୁଥିବା, ଅନ୍ୟମନସ୍କ ହେଉ ନ ଥିବା, ଅନ୍ୟ କୁକୁରଙ୍କୁ ଦେଖିଲେ ପ୍ରତିକ୍ରିୟାଶୀଳ ହେଉ ନ ଥିବା କୁକୁରଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ କ୍ୟାନାଇନ୍ ଗୁଡ୍ ସିଟିଜେନ୍ ସାର୍ଟିଫିକେଟ୍ ଦିଆଯାଇଥାଏ। ଭୁବନେଶ୍ୱରରେ ଗତବର୍ଷ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସାର୍ଟିଫିକେଟ୍ ଯେଉଁ କୁକୁର ପାଇଥିବ ତାହାକୁ ମାଲିକମାନେ ତାଙ୍କ ସାଙ୍ଗରେ ନେଇ ବିଭିନ୍ନ ସ୍ଥାନକୁ ଯାତ୍ରା କରିପାରିବେ। ପୃଥିବୀରେ ଅନେକ ଦେଶରେ ଏଭଳି ବ୍ୟବସ୍ଥା ଲାଗୁ ହୋଇସାରିଲାଣି।

– ରିପୋର୍ଟ: ଅସମାପିକା ସାହୁ



ଡାକ୍ସହୁଣ୍ଡ



## ଜର୍ମାନ ସେଫର୍ଡ

ଲୋକପ୍ରିୟ କୁକୁରଙ୍କ ମଧ୍ୟରେ ଏହି ପ୍ରଜାତି ଅନ୍ୟତମ। ଏହା ବହୁତ ଆତ୍ମବିଶ୍ୱାସୀ, ସାହସୀ, ଚାଲାକ। ସାଧାରଣତଃ ୭ରୁ ୧୦ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରନ୍ତି। ଏମାନେ ୨୨ରୁ ୨୬ଇଞ୍ଚ ପର୍ଯ୍ୟନ୍ତ ବଢ଼ିପାରନ୍ତି। ଏମାନଙ୍କର ଓଜନ ୫୦ରୁ ୭୦ପାଉଣ୍ଡ ହୋଇଥାଏ। ବଲିଉଡ୍, ହଲିଉଡ୍ ଫିଲ୍ମରେ ପ୍ରାୟ ଏହି କୁକୁରଙ୍କୁ ବ୍ୟବହାର କରାଯାଉଛି। ଜର୍ମାନ ସେଫର୍ଡ ଛୁଆର ମୂଲ୍ୟ ୧୦ହଜାରରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ବଡ଼ ଜର୍ମାନ ସେଫର୍ଡର ମୂଲ୍ୟ ୧୦ଲକ୍ଷ ପର୍ଯ୍ୟନ୍ତ ହୋଥାଏ।

## ଲୋକପ୍ରିୟ କୁକୁର



## ଲାବ୍ରାଡର



ଏହା ଘରେ ଘରେ ପରିଚିତ। ଭୁବନେଶ୍ୱରର ବହୁ ଲୋକ ଲାବ୍ରାଡର ରଖିବାକୁ ପସନ୍ଦ କରନ୍ତି। ଏମାନଙ୍କର ଉଚ୍ଚତା ୨୧.୫ରୁ ୨୪.୫ ଇଞ୍ଚ ପର୍ଯ୍ୟନ୍ତ ହୋଇଥାଏ। ଏମାନଙ୍କର ଓଜନ ୬୫ରୁ ୮୦ପାଉଣ୍ଡ ହୋଇଥାଏ। ଏମାନେ ସାଧାରଣତଃ ୧୦ରୁ ୧୨ବର୍ଷ ପର୍ଯ୍ୟନ୍ତ ବଞ୍ଚିଥିବାବେଳେ ଏହି ପ୍ରଜାତିର କୁକୁରଙ୍କ ରଙ୍ଗ ସାଧାରଣ ଭାବେ ଧଳା ଓ କଳା। ତେବେ ଚକୋଲେଟ୍ ରଙ୍ଗର ମଧ୍ୟ ଲାବ୍ରାଡର ରହିଛି। ଏମାନେ ବଜାରରେ ବିକ୍ରି ହେଉଥିବା ଖାଦ୍ୟ ସହିତ ଘରୋଇ ଖାଦ୍ୟ ଖାଇଥାନ୍ତି। ପ୍ରଶିକ୍ଷଣ ଭଲ ଶିଖିପାରନ୍ତି ଏବଂ ବହୁତ ବିଶ୍ୱସ୍ତ ଅଟନ୍ତି। ଏମାନେ ବନ୍ଧୁତ୍ୱପୂର୍ଣ୍ଣ, ଚଞ୍ଚଳ ହୋଇଥାନ୍ତି। ଏହି ପ୍ରଜାତିର କୁକୁର ଛୁଆର ମୂଲ୍ୟ ୫ହଜାରରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

## ରଟ୍‌ୱିଲର

ପୂର୍ବରୁ ଏହି ପ୍ରଜାତିର କୁକୁରକୁ ଲୋକେ ରଖିବାକୁ ଡରୁଥିଲେ। କାରଣ ଏମାନେ ଭୟଙ୍କର ଦିଶନ୍ତି। କିନ୍ତୁ ବର୍ତ୍ତମାନ ଏହି କୁକୁରକୁ ଲୋକେ ଆପଣେଇଲେଣି। ଏମାନେ ନିଷ୍ଠାପର, ଲଭିଙ୍ଗ, ଆତ୍ମବିଶ୍ୱାସୀ, ଅଭିଭାବକ ପ୍ରକୃତିର ଅଟନ୍ତି। ଏମାନେ ୨୨ରୁ ୨୭ ଇଞ୍ଚ ପର୍ଯ୍ୟନ୍ତ ବଢ଼ିପାରନ୍ତି। ଏମାନଙ୍କର ଓଜନ ୯୫ରୁ ୧୩୫ପାଉଣ୍ଡ ପର୍ଯ୍ୟନ୍ତ। ଏମାନେ ୯ରୁ ୧୦ବର୍ଷ ବଞ୍ଚିପାରନ୍ତି। ଏମାନେ ହୃଷ୍ଟପୁଷ୍ଟ ଓ କେବଳ କଳା ରଙ୍ଗର ହୋଇଥାନ୍ତି। ଏହି ପ୍ରଜାତିର କୁକୁର ଛୁଆ ମୂଲ୍ୟ ୧୦ହଜାରରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

## ପଗ୍ ▶



ଏହା ଦେଖିବାକୁ ଛୋଟ କିନ୍ତୁ ହୃଷ୍ଟପୁଷ୍ଟ ଅଟନ୍ତି। ଏମାନେ ବହୁତ ଆକର୍ଷଣୀୟ, ଲଭିଂ ହୋଇଥାନ୍ତି। ଏହାର ବ୍ୟବହାର ଏତେ ଭଲ ଯେ ମାଲିକ ବାହାରକୁ ବୁଲିବା ପାଇଁ ଗଲାବେଳେ ସାଙ୍ଗରେ ନେଇଯାଆନ୍ତି। ଛୋଟ ପିଲାଙ୍କୁ ଏହି ପ୍ରଜାତିର କୁକୁର ଅଧିକ ପସନ୍ଦ ଆସିଥାଏ। ଏମାନେ ୧୦ରୁ ୧୩ ଇଞ୍ଚ ପର୍ଯ୍ୟନ୍ତ ବଢ଼ିପାରନ୍ତି ଏବଂ ଓଜନ ୧୪ରୁ ୧୮ପାଉଣ୍ଡ ହୋଇଥାଏ। ଏମାନଙ୍କ ବୟସସୀମା ୧୩ରୁ ୧୫ବର୍ଷ ରହିଛି। ଏମାନଙ୍କ ରଙ୍ଗ ସିଲଭର, ବ୍ଲାକ୍ ଥାଏ। ଏହି ପ୍ରଜାତିର କୁକୁର ଛୁଆର ମୂଲ୍ୟ ୧୫ହଜାରରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

### ଏମାନଙ୍କ ମତରେ...



କୁକୁରଙ୍କ ପାଇଁ ପ୍ରଶିକ୍ଷଣ ଜରୁରୀ। ସାଧାରଣ ପେଟ୍‌ଟିଏ ରଖିଲେ କଥା ମାନିବନି। ଯଦି କୌଣସି କୁକୁର ପ୍ରଶିକ୍ଷଣ ନ ନେଇଛି ତାକୁ ବାହାରକୁ ବୁଲିବାକୁ ନେଲେ ସେ ତୁମକୁ ଘୋଷଡ଼ା ଘୋଷଡ଼ି କରିଦେବ। କିନ୍ତୁ ପ୍ରଶିକ୍ଷଣ ନେଲା ପରେ ସେ ପୂରା ଡିସିପ୍ଲିନ୍ ମ୍ୟାନର ଶିଖିଥାଏ। ଘରର ଛୋଟମୋଟ କାମ ମଧ୍ୟ କୁକୁର ଦ୍ୱାରା ହୋଇପାରିଥାଏ। ଯେତେବେଳେ ଯାହା କହିବ ତାହା ଶୁଣିଥାଏ। ଅଧିକ ପ୍ରଶିକ୍ଷଣ ଦେଲେ ଜାତୀୟ ସ୍ତରୀୟ ଓ ଅନ୍ତର୍ଜାତୀୟସ୍ତରୀୟ ଡଗ୍ ଶୋ'ରେ ମଧ୍ୟ ଭାଗ ନେଇପାରିବ।

– **ରଶ୍ମିତା ଦାନ୍, ପ୍ରଶିକ୍ଷିକା**



କୁକୁର ବିକ୍ରି କରିପାରିବା ସହଜ। କିନ୍ତୁ ଅନ୍ୟମାନଙ୍କ କୁକୁରକୁ ରଖିବା କଷ୍ଟସାଧ। ବିଭିନ୍ନ କୁକୁର ଯେଉଁମାନେ ଅଲଗା ଅଲଗା ଜାଗାରେ ଥିବେ ତାଙ୍କୁ ଏକା ସାଥିରେ ରଖିବା କଷ୍ଟଦାୟକ। ଯେଉଁମାନେ କୁକୁର ରଖୁଛନ୍ତି ସେମାନେ ଦିନେନା ଦିନେ କୁଆଡ଼େ ଯିବେ। କୁକୁର ରଖିବେ ବୋଲି ବାହାରକୁ ଯିବେ ନାହିଁ ତାହା ବଡ଼ କଷ୍ଟକର। ତେଣୁ ହଷ୍ଟେଲରେ ଛାଡ଼ିଲେ ମାଲିକମାନଙ୍କୁ ଏକପ୍ରକାର ସ୍ୱାଧୀନତା ମିଳିବ ଯେ ସେମାନେ ଯୁଆଡ଼େ ଇଚ୍ଛା ହେବ ଯାଇପାରିବେ। ୨୦୧୪ରୁ ଆମେ ହଷ୍ଟେଲ ଆରମ୍ଭ କରିଥିଲୁ। ଆମ ହଷ୍ଟେଲରେ କୁକୁରଙ୍କ ଖାଦ୍ୟପେୟ, ସ୍ୱାସ୍ଥ୍ୟ ସମେତ ତା'ର ସବୁ ପ୍ରକାର ଗତିବିଧି ଉପରେ ନଜର ରଖାଯାଇଥାଏ। ସବୁବେଳେ ହାଇଆଲର୍ଟରେ ଥାଉ। ଆମର ୩ଜଣ କେୟାର ଟେକର ଅଛନ୍ତି।

– **ବ୍ରିଜେଶ ଦାଶ, ପ୍ରତିଷ୍ଠାତା, ଟେଲ୍‌ୱାଗର୍ସ**



ଭେରିଫାଏଡ୍ ସୋର୍ସରୁ କୁକୁର ଆଣିବା ଉଚିତ। କାରଣ ଜେନେଟିକାଲ ଡିଫେକ୍ଟ ପରିଲକ୍ଷିତ ହୋଇଥାଏ। ଯେପରିକି ହାର୍ଟ, ଅଣ୍ଟା, ଗୋଡ଼ ଠିକ୍ ଭାବରେ ନ ପଡ଼ିବା ଭଳି ଅସୁବିଧା ଦେଖାଯାଏ। କୁକୁର ଛୁଆ ନିଜ ମା'ର ପର୍ଯ୍ୟାପ୍ତ ପରିମାଣ କ୍ଷୀର ପିଇଥିବା ଦରକାର। ନ ହେଲେ ଥଣ୍ଡା, ଜ୍ୱର ଲାଗି ରହିବ। ୩ ସପ୍ତାହ ହେବା ପରେ କୃମି ଔଷଧ ଦେବା ଉଚିତ। କୃମି ଔଷଧ ଦେବା ବେଳେ ଲିଭର ଟନିକ୍ ଦେବା ଆବଶ୍ୟକ। କିନ୍ତୁ ଅନେକ ଲୋକ ଏହାକୁ ଦେଇ ନ ଥାନ୍ତି। ଫଳରେ ଲିଭର ଜନିତ ରୋଗ ହୋଇଥାଏ। ଏହାର ସପ୍ତାହ ପରେ ଟିକାକରଣ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ତେବେ ଏସବୁ ନିଜେ ନ ଦେଇ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଦେବା ଉଚିତ। ୩ମାସରୁ ଆଣ୍ଟିରାବିଜ୍ ଟିକା ଦିଆଯାଇଥାଏ। କେତେବେଳେ କେଉଁ ଔଷଧ ଖାଉଛନ୍ତି ତା'ର ଏକ ରିପୋର୍ଟ କରିବା ଉଚିତ। କୁକୁରମାନଙ୍କୁ ସବୁବେଳେ କ୍ୟାଲ୍‌ସିୟମ୍, ମଲ୍‌ଟି ଭିଟାମିନ୍ ଦେବା ଉଚିତ।

– **ଡା. ବିଶ୍ୱଦୀପ ଜେନା, ସହକାରୀ ପ୍ରାଧ୍ୟାପକ, ଓୟୁଏଟି ଭେଟେରିନାରି ସର୍ଜରୀ ବିଭାଗ**

# ଟିକ୍‌ପିସ୍ ଲ୍ୟାମ୍ବ କବାବ୍ କରି




**ଚଳିତ ସପ୍ତାହର ଖାଦ୍ୟରୁଚିରେ ସ୍ଥାନ ପାଇଛି ମଟନ୍ ଏବଂ କାବୁଲିବୁଟରେ ପ୍ରସ୍ତୁତ ଏକ ନୂଆ ଡିସ୍ 'ଟିକ୍‌ପିସ୍ ଲ୍ୟାମ୍ବ କବାବ୍ କରି'। ଏହାକୁ ଆପଣ ରୁଟି, ନାନ୍ ସାଙ୍ଗରେ ଖାଇପାରିବେ। ଏହାର ପ୍ରସ୍ତୁତ ପ୍ରଣାଳୀ ସିରୋଜ୍ ହୋଟେଲର ସେଫ୍ ଏସ୍.ଏ. ସ୍ୱାମୀଙ୍କ ମୁହଁରୁ...**



## ଆବଶ୍ୟକ ସାମଗ୍ରୀ

- ମଟନ୍ କିମା ୧ କେଜି
- କାବୁଲିବୁଟ ୧୦୦ ଗ୍ରାମ୍
- ପିଆଜ ୫୦୦ ଗ୍ରାମ୍
- ଟମାଟୋ ୨ଟି
- ଅଦା, ରସୁଣ ପେଷ୍ଟ ୨୦୦ ଗ୍ରାମ୍
- ତେଜପତ୍ର ୨ରୁ ୪ ଟି
- ହଳଦୀ ଗୁଣ୍ଡ ୨ ଚାମଚ୍
- ଲଙ୍କା ଗୁଣ୍ଡ ୨ ଚାମଚ
- ଜିରା, ଧନିଆ, ଡାଲଚିନି, ଲବଙ୍ଗ, ଗୋଲମରିଚ, ଜାଇଫଳ, ଗୁଜୁରାତି ଏବଂ ସମୁଦାୟ ୫୦ ଗ୍ରାମ୍
- ଧନିଆ, ପୋଦିନା, କଞ୍ଚାଲଙ୍କା ୫୦ ଗ୍ରାମ୍
- ରିଫାଇନ୍ ତେଲ ୩୦୦ ଗ୍ରାମ୍

– ରିପୋର୍ଟ: ବନ୍ଦନା ସେଠୀ

## ପ୍ରସ୍ତୁତି ପ୍ରଣାଳୀ

୧– ପ୍ରଥମେ ଜିରା, ଧନିଆ, ଡାଲଚିନି, ଲବଙ୍ଗ, ଗୋଲମରିଚ, ଜାଇଫଳ, ଗୁଜୁରାତି ମିଶାଇ ବାଟିଦେବେ। ଏହାପରେ ମଟନ କିମା ଏବଂ କାବୁଲିବୁଟକୁ ମିଶାଇ ଦରବଟା କରିଦେବେ। ଏବେ ଏକ ପାତ୍ରରେ ଅଳ୍ପ ତେଲ ଗରମ କରି ସେଥିରେ ଦରବଟା ହୋଇରହିଥିବା ମଟନକୁ ପକାଇବେ। ସେଥିରେ ପୂର୍ବରୁ ବଟା ହୋଇ ରହିଥିବା ମସଲାରୁ ଅଳ୍ପ ପକାଇ ଖରଡିବେ। ଏହାପରେ ଖରଡା ମଟନ୍‌କୁ ହାତରେ ଛୋଟ ଛୋଟ ଗୋଲ କିମ୍ବା ଅନ୍ୟ କିଛି ଆକାର ଦେଇ ଏକ ପାତ୍ରରେ ରଖନ୍ତୁ। ଏବେ ତାୱା ଗରମ କରି ସେଥିରେ ତେଲ ପକାଇବେ। ତେଲ ଗରମ ହୋଇଯିବା ପରେ ଏହି ମଟନ୍‌କୁ ହାଲୁକା ଆଞ୍ଚରେ ଫ୍ରାଏ କରି (ପ୍ୟାନ୍ କବାବ୍) ଏକ ପାତ୍ରକୁ କାଢି ଦିଅନ୍ତୁ।

୨– ଗ୍ରେଭି ପାଇଁ ପିଆଜ, ଟମାଟୋ, ଅଦା, ରସୁଣ, ତେଜପତ୍ରକୁ ମିଶାଇ ବାଟି ଅଲଗା ରଖିବେ। ସେହିପରି ଧନିଆ, ପୋଦିନା ଏବଂ କଞ୍ଚାଲଙ୍କାକୁ ମିଶାଇ ବାଟି ରଖିବେ।

୩–ଏବେ କଡେଇରେ ତେଲ ପକାଇ ସେଥିରେ ଗ୍ରେଭି ପାଇଁ ବଟା ହୋଇରହିଥିବା ମସଲାକୁ ପକାନ୍ତୁ। ତା'ପରେ ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ ପକାଇ କିଛି ସମୟ ଘାଣ୍ଟନ୍ତୁ। ପରେ ସେଥିରେ ବଟା ହୋଇ ରହିଥିବା ଜିରା, ଧନିଆ, ଡାଲଚିନି, ଲବଙ୍ଗ, ଗୋଲମରିଚ, ଜାଇଫଳ, ଗୁଜୁରାତିକୁ ପକାନ୍ତୁ। କିଛି ସମୟ ଫୁଟିବା ପରେ ଏବେ ସେଥିରେ ଧନିଆ, ପୋଦିନା ଏବଂ କଞ୍ଚାଲଙ୍କା ବଟା ପକାଇ ଭଲଭାବେ ଘାଣ୍ଟନ୍ତୁ। ସେଥିରେ ପ୍ୟାନ୍ କବାବ୍‌କୁ ପକାଇ କିଛି ସମୟ ଫୁଟାଇ ଏକ ପାତ୍ରକୁ କାଢି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଟିକ୍‌ପିସ୍ ଲ୍ୟାମ୍ବ କବାବ୍ କରି'।

## ନିଜ କଥା

# ଆଳୁଦମ ପ୍ରସ୍ତୁତ କରିବା ଭଲ ଜଣା



**ଭେଜ, ନନ୍‌ଭେଜ, ସମସ୍ତ ପ୍ରକାର ରୋଷେଇ ମୁଁ ଜାଣିଛି। ହେଲେ ଆଳୁଦମ ପ୍ରସ୍ତୁତ କରିବା ଭଲ ଭାବେ ଜାଣେ। ସପ୍ତାହରେ ଦୁଇରୁ ତିନି ଦିନ ସମୟ ପାଇବା ମାତ୍ରେ ମୁଁ ଆଳୁଦମ ତିଆରି କରିଥାଏ। ମୋ ହାତ ତିଆରି ଆଳୁଦମ ଖାଇବାକୁ ଘର ଲୋକେ ବେଶ ପସନ୍ଦ କରିଥାନ୍ତି। ଏହିକଥା କହିଛନ୍ତି ମହିଳା ଓଏଏସ୍ ଅଫିସର ଏଲୋରା ଭାରତୀ ଜେନା। କଟକ ବିରିବାଟୀ ଅଞ୍ଚଳରେ ତାଙ୍କ ଜନ୍ମ। ବାପା ବିଜୟଚନ୍ଦ୍ର ଜେନା ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର। ୨୦୦୦ ବ୍ୟାଚ୍‌ର ଏହି ମହିଳା ପ୍ରଶାସନିକ ଅଧିକାରୀ ଜଣକ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିବା ପରେ ଏବେ କଟକ ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ(ଡିପିସି) ଭାବେ କାର୍ଯ୍ୟରତ। ଜେନାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ପଚରା ଯାଇଥିବା କେତୋଟି ପ୍ରଶ୍ନ...**

**ପ୍ରଥମ ଦରମା କେମିତି ଖର୍ଚ୍ଚ ହୋଇଥିଲା?**

୨୦୦୬ରେ ମୁଁ ପ୍ରଥମେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡ଼ିଏ)ରେ ପ୍ରଶାସନିକ କାର୍ଯ୍ୟରେ ଯୋଗଦେଇଥିଲି। ପ୍ରଥମ ମାସର ଦରମା ଏକ ପ୍ରକାର ବାଣ୍ଟି ଦେଇଥିଲି। ପରିବାର ଲୋକଙ୍କ ସମେତ ସାଙ୍ଗସାଥୀଙ୍କ ପାଇଁ ଡ୍ରେସ କିଣିବା ଠାରୁ ଆରମ୍ଭ କରି ଭୋଜିଭାତରେ ଶେଷ କରି ଦେଇଥିଲି।

**ସିନେମା ଦେଖନ୍ତି?**

ସିନେମା ପ୍ରତି ବହୁତ ସଉକ ଅଛି। ଶେଷଥର ପାଇଁ ପଦ୍ମାବତ ସିନେମା ହଲରେ ବସି ଦେଖିଥିଲି। ଆମୀର ଖାନ ଓ ମଧୁବାଲା ମୋର ପସନ୍ଦର ନାୟକ, ନାୟିକା।

**ଗୀତ ଶୁଣନ୍ତି?**

ଗୀତ ଶୁଣିବାରେ ଆନନ୍ଦ ପାଏ। ତେବେ ଭିକାରୀ ବଳଙ୍କ ଭଜନ ମୋର ଅଧିକ ପସନ୍ଦ।

**କେଉଁ ରଙ୍ଗକୁ ଭଲ ପାଆନ୍ତି?**

ସବୁଜ ରଙ୍ଗ ମୋର ପସନ୍ଦ। ସବୁଜରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପାଇଥାଏ।

**ଲଭ୍ ନା ଆରେଞ୍ଜ ମ୍ୟାରେଜ?**

ମୋର ଆରେଞ୍ଜ ମ୍ୟାରେଜ। ପରିବାର ଲୋକଙ୍କ ଚଏସ୍‌ରେ ମୁଁ ୨୦୦୬ରେ ସତ୍ୟଜିତ ରାୟଙ୍କୁ ବିବାହ କରିଛି। ସତ୍ୟଜିତ ପେସାରେ ଜଣେ ଡାକ୍ତର। ସେ ଏବେ ଏସ୍‌ସିବି ମେଡିକାଲରେ ଅସ୍ଥିଶଲ୍ୟ ବିଭାଗର ସହକାରୀ ପ୍ରଫେସର ଭାବେ କାର୍ଯ୍ୟ କରନ୍ତି।

**ମାର୍କେଟିଂ କରନ୍ତି?**

ହଁ। ମାର୍କେଟିଂ ପ୍ରତି ଦୁର୍ବଳତା ରହିଛି। ସମୟ ପାଇବା ମାତ୍ରେ ମୁଁ ମାର୍କେଟିଂ କରିଥାଏ।

**ସ୍ୱାମୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ?**

ସତ୍ୟ ଜଣେ ସତ୍ୟବାଦୀ ମଣିଷ। ସେ କେବେ ମୋ ସ୍ୱାଧୀନତା ଉପରେ ହସ୍ତକ୍ଷେପ କରନ୍ତି ନାହିଁ। ଡିସିସନ ମୁଁ ନେଇଥାଏ। ଏହାବାଦ୍ ସେ ବହୁ ସହନଶୀଳ ଓ ମେଳାପି।

**ଜୀବନର ଅଭୁଲା କଥା?**

ଓଏଏସ୍ ପାଇବା ଦିନର ଆନନ୍ଦ ମୋ ପାଇଁ ସବୁବେଳେ ଅଭୁଲା। ୨୦୦୩ ଡିସେମ୍ବର ୩୧ରେ ଓଏଏସ୍ ରେଜଲ୍ଟ ବାହାରିଥିଲା। ସେଦିନ ମୁଁ ଦିଲ୍ଲୀରୁ ଟ୍ରେନ ଯୋଗେ ଭୁବନେଶ୍ୱର ଫେରୁଥାଏ। ରେଜଲ୍ଟ ଜାଣିବାକୁ ମୋ ପାଖରେ ସୁଯୋଗ ନ ଥାଏ। ଷ୍ଟେଶନରେ ଓହ୍ଲାଇଲି। ସେତେବେଳକୁ ଘର ଲୋକ ରେଜଲ୍ଟ ଜାଣି ସାରିଲେଣି। ହେଲେ ମୋତେ ସରପ୍ରାଇଜ ଦେବା ପାଇଁ ଷ୍ଟେଶନରୁ ମୋତେ ନେବାକୁ ଆସିଥିବା ମୋ ମଉସା ମୋତେ କିଛି କହି ନ ଥିଲେ। ଗେଟ ପାଖରେ ମା' ଛିଡ଼ା ହୋଇଥାଏ। ସେ ମଧ ମୋତେ ଦେଖି ନୀରବ ରହିଥିଲା। ଘର ଭିତରକୁ ଯାଉ ଯାଉ ବାକି ସଦସ୍ୟମାନେ ମୋତେ ଅଭିନନ୍ଦନ ଜଣାଇଥିଲେ। ସେ ମୁହୂର୍ତ୍ତ ମୋର ସବୁବେଳେ ମନେରହିବ।

– ସାକ୍ଷାତ୍: ନିର୍ମଳ ପଣ୍ଡା

# ସେଲ୍ଫି କର୍ଣ୍ଣର


@ ସୁଜାତା


@ ଶିବାନୀ


@ ପ୍ରିନ୍ସ


@ ଦେବଦତ୍ତ


@ ଶରତ


@ ଅଭିଲାଷ


@ ବିକାଶ


@ ସୁଶାନ୍ତ


@ ଭବାନୀ


@ ସୋନାଲୀ


@ ସୁଶାନ୍ତ


@ ସୁଶୀଲ


@ ସୁଜାତା


@ କାହ୍ନା

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**

smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)


ନିଗମାନନ୍ଦ ବିହାର

## ଲୋକସଂଖ୍ୟା

ନିଗମାନନ୍ଦ ବିହାର ବସ୍ତି ଗଠନ ହେବାର ପ୍ରାୟ ୨୨ବର୍ଷ ଅତିକ୍ରାନ୍ତ କରିସାରିଛି । ବସ୍ତି ପ୍ରଥମେ ୩ରୁ ୪ଟି ପରିବାର ରହୁଥିଲେ । ଏବେ ପରିବାର ସଂଖ୍ୟା ୧୨୦। ବସ୍ତିର ଜନସଂଖ୍ୟା ୧ହଜାରରୁ ଅଧିକ।

## ପର୍ବପର୍ବାଣୀ

ଶାରଦୀୟ ଦୁର୍ଗାପୂଜା, ଅଏଁଲାତଲ, ନୂଆଁଖାଇ ଭେଟ୍‌ଘାଟ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅର୍ଘ୍ୟଥାଳି ଏହି ବସ୍ତିର ସାମୂହିକ ଉତ୍ସବ । ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଆସନ ମନ୍ଦିରରେ ଗୁରୁପୂର୍ଣ୍ଣିମା ମୁଖ୍ୟପର୍ବ ।

## ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ

ନିଗମାନନ୍ଦ ବିହାର ଉନ୍ନୟନ କମିଟି
ସଭାପତି– ବେଣୁଧର ମହାପାତ୍ର
ସମ୍ପାଦକ– ଟିକେଲାଲ ନାୟକ
କାର୍ଯ୍ୟକାରୀ ସଭ୍ୟ– ଗୋପବନ୍ଧୁ ପୁରୋହିତ, ଗାନ୍ଧୀ ମିଶ୍ର, ନବୀନ ସାବତ୍, ନୀଳକଣ୍ଠ ସାହୁ, ସଦାଶିବ ସାହୁ ।

## ପରିଚୟ

ସଭାପତି– ନବୀନ ସାବତ୍
ସମ୍ପାଦକ– ସରୋଜ ବେହେରା
ସଂଯୋଜକ– ଗୋପବନ୍ଧୁ ପୁରୋହିତ
ସଭ୍ୟ– ଯଦୁନନ୍ଦନ ମେହେର, ଭାଗବତିଆ ପରୁଆ, ବୀରେନ୍ଦ୍ର ଦାଶ, ବଶିଷ୍ଠ ଖମାରୀ, ଜଗବନ୍ଧୁ ନାୟକ, ଦିଲୀପ ସାହୁ, ଗୋବର୍ଦ୍ଧନ ସାହୁ, କୁଞ୍ଜ ଭୋଇ ।

# ବରଗଡ଼ ସହରର ନଈକୂଳିଆ ପଡ଼ା

# ନିଗମାନନ୍ଦ ବିହାର


ଗାନ୍ଧୀ ମିଶ୍ର


ପ୍ରଫୁଲ୍ଲ କୁମାର ମିଶ୍ର


ମୃତ୍ୟୁଞ୍ଜୟ ମିଶ୍ର


ଜଗବନ୍ଧୁ ନାୟକ

ବରଗଡ଼ ସହର ଦେଇ ଉତ୍ତର-ଦକ୍ଷିଣ ହୋଇ ବହି ଯାଇଛି ଜୀରାନଦୀ । ସେଦିନ ଜିରାନଦୀ କୂଳେ ରହିଥିଲା ପ୍ରଶସ୍ତ ଜମି, ଖାଲି ପଡ଼ିଆ । ଅନାବନା ଘାସଲତା ସହିତ ବିଭିନ୍ନ ବୃକ୍ଷରାଜିରେ ସେହି ଜମି ପରିପୂର୍ଣ୍ଣ ଥିଲା। ମାତ୍ର ଆଜି ଜିରାନଦୀ କୂଳେ ସେଭଳି ବୃକ୍ଷରାଜିର ସମ୍ଭାର ନାହିଁ କି ଆଉ ସେଦିନର ଜମି ପଡ଼ିଆ ପଡ଼ି ନାହିଁ । ବୃକ୍ଷରାଜିର ସବୁଜିମା ଓ ବର୍ଣ୍ଣାଳୀରେ ଯେଉଁ ଜମି ଦିନେ ହସି ଉଠିଥିଲା, ସେଠାରେ ଆଜି ଗଢ଼ିଉଠିଛି କୋଠାଘର ଏବଂ ନଈକୂଳିଆ ପଡ଼ା। ବରଗଡ଼ ସହରର ନିଗମାନନ୍ଦ ବିହାର ତନ୍ମଧ୍ୟରୁ ଗୋଟିଏ ।

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ–୧ରେ ରହିଥିବା ନିଗମାନନ୍ଦ ବିହାରର ନାମକରଣ ପଛରେ କାରଣ ରହିଛି । ୧୯୯୬–୯୭ ମସିହାରୁ ଗଢ଼ି ଉଠିଛି ଏହି ବସ୍ତି। ବସ୍ତି ହେବା ପୂର୍ବରୁ ୧୯୭୭ ମସିହାରେ ଏଠାରେ ଗଢ଼ି ଉଠିଥିଲା ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଆସନ ମନ୍ଦିର । ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସେଠାକୁ ଆସୁଥିଲେ । ଠାକୁରଙ୍କ ପୂଜାର୍ଚ୍ଚନା କରୁଥିଲେ। ଏବେ ମଧ୍ୟ ଠାକୁରଙ୍କ ସେହି ଆସନ ମନ୍ଦିର ସେଭଳି ଅବସ୍ଥାରେ ରହିଛି ଏବଂ ଠାକୁର ସେଠାରେ ପୂଜା ପାଇ ଆସୁଛନ୍ତି । ତେବେ ସେଠାକୁ ଯାତାୟାତ କରିବା ସମୟରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ସେଠାରେ ଏକ ବସ୍ତିର ପରିକଳ୍ପନା କରାଗଲା । ବିସ୍ତୃତ ଜମି ପଡ଼ିଆ ଥିବା ଯୋଗୁ ଜଣେ ପରେ ଜଣେ ଶ୍ରଦ୍ଧାଳୁ ସେହି ଜମିକୁ କିଣି ଘରଦ୍ୱାର କଲେ । ଏହାପରେ ଆଖପାଖ ତଥା ଜିଲା ବାହାରର ଲୋକେ ମଧ୍ୟ ସେଠାକୁ ଆସି କୋଠାବାଡ଼ି ନିର୍ମାଣ କଲେ । ଏଭଳି ଭାବେ ଗଢ଼ି ଉଠିଲା ସେହି ବସ୍ତି ଏବଂ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବ ସେଠାରେ ପୂଜା ପାଇ ଆସୁଥିବା ଯୋଗୁ ଲୋକେ ସେହି ବସ୍ତିର ନାମକରଣ କଲେ ନିଗମାନନ୍ଦ ବିହାର ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା, ଏହି ବସ୍ତିରେ କେହି ସ୍ଥାନୀୟ ଲୋକେ ନାହାନ୍ତି । ସମସ୍ତ ବସ୍ତି ବାସିନ୍ଦା ସହର ବାହାର ଆଖପାଖ ଏବଂ ଅନ୍ୟ ଜିଲାରୁ ଆସି ଏଠାରେ ବସତି ସ୍ଥାପନ କରିଛନ୍ତି । କେତେକ ପରିବାରକୁ ଛାଡ଼ିଦେଲେ ପ୍ରାୟ ସମସ୍ତ ଗୃହକର୍ତ୍ତା ସରକାରୀ କର୍ମଚାରୀ । ସେମାନଙ୍କ ମଧ୍ୟରୁ ଏବେ ଅଧିକାଂଶ ଅବସର ଗ୍ରହଣ କରିସାରିଛନ୍ତି। ଓଡ଼ିଆ, ବିହାରୀ, ବଙ୍ଗାଳୀ, ମାରୱାଡ଼ି, ମୁସଲିମ ସମ୍ପ୍ରଦାୟର ଲୋକେ ଏହି ବସ୍ତିରେ ରହୁଛନ୍ତି। ଆଜି ପର୍ଯ୍ୟନ୍ତ ଏହି ବସ୍ତିରେ ସେଭଳି ଅପ୍ରୀତିକର ପରିସ୍ଥିତି ଉପୁଜିଥିବାର ନଜୀର ମଧ୍ୟ ନାହିଁ । ବସ୍ତି ପାର୍ଶ୍ୱରେ ଜିରାନଦୀ ବହିଯାଇଛି। ବସ୍ତି ସମ୍ମୁଖରେ ୬ ନମ୍ବର ଜାତୀୟ ରାଜପଥ ଲମ୍ବି ଯାଇଛି । ସେହିପରି ପଶ୍ଚିମ ଦିଗରୁ ବରଗଡ଼ ସହରକୁ ଆସିଲେ ନିଗମାନନ୍ଦ ବିହାର ଛକ ହିଁ ପାଲଟିଥାଏ ସହରର ପ୍ରବେଶ ପଥ ଏବଂ ଫେରିଲାବେଳେ ପ୍ରସ୍ଥାନ ଦ୍ୱାର । ବସ୍ତିରେ ପ୍ରାୟ ୧୦ଟି ଗଳି ରହିଛି ଏବଂ ପ୍ରତ୍ୟେକ ଗଳିର ମଧ୍ୟ ନାମକରଣ କରିବା ପାଇଁ ପ୍ରସ୍ତାବ ରହିଥିବା ବସ୍ତି ବାସିନ୍ଦାମାନେ କହିଛନ୍ତି।

### ପରସ୍ପର ପ୍ରତି ପ୍ରେମଭାବ ଅତୁଟ

ବାପା ସ୍ୱର୍ଗତ ଦେବରାଜ ମିଶ୍ର ପୋଷ୍ଟମାଷ୍ଟର ଥିଲେ। ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଜଣେ ଭକ୍ତ । ଠାକୁରଙ୍କ ପ୍ରତି ସେ ଅନୁପ୍ରାଣୀତ ହୋଇଥିଲେ ଏବଂ ଏଠାରେ ଘରଦ୍ୱାର ନିର୍ମାଣ କରିଥିଲେ । ବସ୍ତିରେ ବିଭିନ୍ନ ଅଞ୍ଚଳର ଲୋକେ ରହୁଛୁ । ପରସ୍ପର ପ୍ରତି ସାହାଯ୍ୟ ସହଯୋଗ ଓ ପ୍ରେମଭାବ ଅତୁଟ ରହିଛି। **– ଗାନ୍ଧୀ ମିଶ୍ର**

### ବିକାଶର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ

ନିଗମାନନ୍ଦ ବିହାର ବରଗଡ଼ ସହରର ଏକ ଅନନ୍ୟ ପଡ଼ା । ଏଠାରେ ସବୁଧର୍ମ, ସମ୍ପ୍ରଦାୟର ଲୋକେ ରହୁଛନ୍ତି। ପ୍ରାୟ ସମସ୍ତେ ସଚେତନ ଓ ବୁଦ୍ଧିଜୀବୀ ଶ୍ରେଣୀର । ପଡ଼ାଟି ସେତେ ପୁରୁଣା ନୁହେଁ । କିନ୍ତୁ ବରଗଡ଼ ସହରର ବିକାଶର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ପଡ଼ାକୁ ଜଣେ ଠିକ୍‌ଭାବେ ଅନୁଧ୍ୟାନ କଲେ ତାହା ନିଶ୍ଚିତ ଭାବେ ଅନୁଭବ କରିପାରିବ । **– ପ୍ରଫୁଲ୍ଲ କୁମାର ମିଶ୍ର**

### ଏକତା ହିଁ ଆମ ଆଦର୍ଶ

୧୭ବର୍ଷ ହେଲା ଏହି ବସ୍ତିରେ ଘରଦ୍ୱାର କରି ରହୁଛୁ। ଆମେ ଆସିବା ପୂର୍ବରୁ କେବଳ ୩ ପରିବାର ଏଠାରେ ରହୁଥିଲେ । ସମସ୍ତେ ଏକତ୍ରିତ ଏବଂ ପରସ୍ପର ସହଯୋଗୀ ଭାବେ ଅଛୁ । ଅନ୍ୟର ବିପଦ ଆପଦରେ ସଭିଁଏ ଛିଡ଼ା ହେଉ । ଯେତେ ରାତି ହେଲେ ମଧ୍ୟ ଜଣକର କିଛି ଅସୁବିଧା ହେବା ଖବର ପାଇଲେ ଧାଇଁ ଆସୁ । ତାହା ହିଁ ଆମ ବସ୍ତିର ଏକ ଆଦର୍ଶ । **– ମୃତ୍ୟୁଞ୍ଜୟ ମିଶ୍ର**

### ୨୦ବର୍ଷ ହେଲା ଏଠି ରହୁଛୁ

ଠାକୁର ନିଗମାନନ୍ଦ ସରସ୍ୱତୀ ଦେବ ଥିଲେ ଜଣେ ସଦ୍‌ଗୁରୁ । ପଡ଼ାରେ ପ୍ରଥମେ ଠାକୁରଙ୍କ ଆଶ୍ରମ ଥିଲା। ସେଥିପାଇଁ ପଡ଼ାର ନାମ ଠାକୁରଙ୍କ ନାମରେ ହୋଇଛି । ଆମେ କେନ୍ଦ୍ରାପଡ଼ା ଆଳିର ମୂଳ ବାସିନ୍ଦା । ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ବରଗଡ଼କୁ ଆସିଲୁଣି । ଏହି ବସ୍ତିରେ ଘରଦ୍ୱାର କରି ପ୍ରାୟ ୨୦ବର୍ଷ ହେବ ରହୁଛୁ । ସମସ୍ତେ ମିଳିମିଶି ଅଛୁ ଏବଂ ସମସ୍ତଙ୍କ ସୁଖଦୁଃଖରେ ସାମିଲ ହେଉଛୁ । **–ଜଗବନ୍ଧୁ ନାୟକ**

ରିପୋର୍ଟ: ପ୍ରେମାନନ୍ଦ ଖମାରୀ



ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଆସନ ମନ୍ଦିର




# ମୋର ଅନୁଭୂତି

# ଚାପ୍‌ଡା ଖାଇଥିଲି

**ଅଭିନେତ୍ରି, ମଡେଲ୍: ଅନିଷା ଶର୍ମା**
**ଜନମ୍: ମେ ୫**
**ଏହେଦ୍‌କାର ଠିକ୍‌ନା: କଟକ**
**ସଫଲ୍‌ତା: ୩ ମେଗା ଧାରାବାହିକ୍‌ରେ ଅଭିନଏ, ଓଡ଼ିଆ ଚଲଚିତ୍ର 'ଲଭ୍ ୟୁ ହମେଶା', 'କାବୁଲା ବାରବୁଲା', 'ଓନ୍‌ଲି ପ୍ୟାର୍', ମ୍ୟୁଜିକ୍ ଭିଡିଓ 'ନିଃଶ୍ୱାସ ତୋ ବିନା', 'ଲଭ୍ ଫରଏଭର୍', 'ଦିୱାନା ଦିୱାନୀ' ଆର୍ ବିଗିଆଁପନ୍‌ରେ ଅଭିନଏ। ରିଲିଜ୍ ହେବାକେ ଥିବାର ଚଲଚିତ୍ର 'ସାଥୀ ତୁ ଫେରି ଆ' ଆର୍ 'ତାଣ୍ଡବ'।**

– ରିପୋର୍ଟ: ବନ୍ଦନା ସେଠୀ

ଅଭିନେତ୍ରି ଅନିଷା ଶର୍ମା ନିଜର ନାଁରେ ଯେତ୍‌କି ଜନାଶୁନା ନୁହଁନ୍, ତା'ଠାନୁ ଅଧିକା ପରିଚିତ୍ ରିୟା ନାଁରେ। ଗୁଟେ ଘରୋଇ ଚ୍ୟାନେଲରେ ପର୍‌ସାରିତ୍ ମେଗା ଧାରାବାହିକ୍ 'ସ୍ୱାଭିମାନ'ରେ ସେ ଇ ଚରିତ୍‌ରରେ ନଜରକେ ଆସିଥିଲେ। ପଛେ ସେ ଧାରାବାହିକ୍‌ରେ ସେ ଉନିଆ ଗୁଟେ ଭୂମିକାନେ 'ରିତୁ' ଚରିତ୍‌ରରେ ଦେଖନହାରିକର ସାମ୍‌ନାକେ ଆସିଥିଲେ। ହେଲେ ରିୟା ଚରିତ୍ର ତାହାକୁ ମାଇଲେଜ୍ ଦେଇଥିଲା। ଇ ଧାରାବାହିକ୍ ଆଗ୍‌ରୁ ସେ ଉନିଆ ଗୁଟେ ଧାରାବାହିକ 'ଉତ୍ତରଦାୟୀ'ର ଆଭା ଚରିତ୍‌ରରେ ପହେଲା କରି ଅଭିନଏ କରିଥିଲେ। ସେନ୍‌ତା ତାକର ଅଭିନୀତ ରିମିକ୍ସ ଆଲବମ୍ ଗୀତ୍ 'ବାଜେ ବଇଁଶୀ ନାଚେ ଘୁଙ୍ଗୁର' ବି ହିଟ୍ ହେଇଥିଲା। ଇତାର ପରେ ଧାରାବାହିକ୍ 'ଆଇନା' ଆର୍ କେତେ ଓଡ଼ିଆ ଚଲଚିତ୍ରରେ ତାହାକୁ ଦେଖିବାକେ ମିଲିଥିଲା। ଛୋଟ୍‌ରୁ ବଡ଼ ପରଦା ସବୁନେ ନିଜର ଅଭିନଏର କମାଲ୍ ଦେଖେଇଥିବାର ଇ ଅଭିନେତ୍ରି ନାଚ୍ କି ଅଭିନଏ ଲାଗି ହେନ୍‌ତା କିଛି ତାଲିମ ନାଇଁ ନେଇ। ଯୁକ୍ତ ୨ ପଢ଼ଲାବେଲୁ ମଡେଲିଂ ଆରମ୍ କରିଥିବାର ଅନିଷା ପର୍‌କୁତରେ ସ୍କେଟିଂରେ ନିଜର କ୍ୟାରିୟର କର୍‌ବାକେ ଚାହୁଁଥିଲେ। ହେଲେ ଘଟ୍‌ନାକରମ୍‌ରେ ସେ ଅଭିନଏ ଦୁନିଆଁରେ ପାଦ୍ ଥାପିଥିଲେ। ଏହେଦେ ସେ ଦେଖନ୍‌ହାରିକର ହୁରୁଦ୍‌ରେ ନିଜର ଲାଗି ଗୁଟେ ଖାସ୍ ଜାଗା ବନାବାରେ ସଫଲ୍ ହେଇଛନ୍। ଧାରାବାହିକ ସ୍ୱାଭିମାନର ଶୁଟିଂ ସମିଆରେ ଗୁଟେ ଅନୁଭୂତିକେ ସେ ଆମର ଆଘେ ବଖାନିଛନ୍। ଗୁଟେ ଚୁଲ୍‌ବୁଲି, ଭିନେ ଚିନ୍‌ତାଧାରାର ଟୁକେଲ ବିହା ହେଲା ଉତାରୁ କେନ୍‌ଥେଇ ନିଜର ପରିବାର୍‌ର ସନ୍‌ମାନ, ସୁଆଭିମାନକେ ବଁଚାବାକେ ଯାଇ ଜୁଝୁଛେ ଆର୍ ଶେଷେ ନିଜର ଜୀବନ୍ ଦେଉଛେ ସେଟା ଧାରାବାହିକ୍‌ରେ ଦେଖାଯାଇଥିଲା। ମୋର ସୁଆମୀ ଶୁଭାଶିଷ୍ ଆର୍ ମୁଇଁ ସେ ଧାରାବାହିକ୍‌ରେ କାମ୍ କରୁଥାଉଁ। ସେ ଆଦି ଭୂମିକାନେ ଅଭିନଏ କରୁଥାଆନ୍। ଗୁଟେ ସିନ୍‌ରେ ମୋର ଆର୍ ଶୁଭାଶିଷକଁର ଗୁଟେ ବିଷେକେ ନେଇ ଭୁଲ୍ ବୁଝାମନା ହେସି। ଶେଷେ ସେ ମତେ ରାଗେ ଗୁଟେ ଚାପ୍‌ଡା ମାର୍‌ବେ। ଶଟ୍ ଚାଲିଥାଏ। ହେଲେ ଶୁଭାଶିଷ୍ ଚରିତ୍‌ରରେ ଏନ୍‌ତା ହଜି ଯାଇଥାଆନ୍ ଯେ, ସେ ମୋତେ ମିଛେ କାଣା ମାର୍‌ବେ ସଥେ ଗାଲେ ଘିଚି କରି ଗୁଟେ ଚାପ୍‌ଡା ମାରିଥିଲେ। ମାଡ୍ ଖାଇ ମୋର ଖାଏଁଖିଥୁ ପାଏନ୍ ବାହାରି ପଡ୍‌ଲା। ସେ ମତେ ସଥେ ମାରିଛନ୍ ସେକଥା ସେ ଜାନି ନାଇଁ ପାରୁଥାଇ। ମୁଇଁ ବି କିଛି ନାଇଁ କହିକରି ଶଟ୍ ଦେଲି। ଶୁଭାଶିଷ୍ ମତେ ଏତେ ଜୋର୍‌ରେ ମାରିଥିଲେ ଯେ ଶଟ୍ ସର୍‌ଲା ଉତାରୁ ବି ବନେଘଡେ ତକ୍ କିଛି ନାଇଁ ଶୁଭୁଥାଇ। ମୋତେ ସେ ସତେ ମାରିଛନ୍ ବଲି କହେଲା ଉତାରୁ ସରି କହିଥିଲେ ଆର୍ ଚରିତ୍ର ଭିତ୍‌ରେ ହଜିଯାଇଥିବାର ଲାଗି ଏନ୍‌ତା ଭୁଲ୍ ହେଲା ବଲି କହିଥିଲେ। ପଛେ ଫେନ୍ ଠିକ୍‌ଠାକ୍ ଶୁଟିଂ ଆରମ୍ ହେଇଥିଲା। ହେଲେ ସେଦିନ ତାକର ଚାପ୍‌ଡା ଖାଏଲା ଉତାରୁ ମୋର ଗାଲ୍ ପୂରା ଲାଲ୍ ଜର୍‌ଜର୍ ହେଇଯାଇଥିଲା।


ଫଟୋ : ବିକାଶ ନାୟକ

# ଆସୁଛି ଦଶହରା ଜମୁଛି ଟ୍ରେଡ୍ ଫେୟାର୍‌ର ପସରା

ଆସୁଛି ପାର୍ବଣ ଋତୁ। ସଜେଇ ହେଲାଣି ଗାଁଠୁ ସହର। ଏଥିରେ ସାମିଲ ହେବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ରାଜଧାନୀ ଭୁବନେଶ୍ୱରବାସୀ। ପାର୍ବଣକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ଏବେଠୁ ସମସ୍ତେ ଲାଗିପଡ଼ିଛନ୍ତି। ସେପଟେ ବଜାରରେ ବ୍ୟବସାୟୀମାନେ ମଧ୍ୟ ନିଜ ପସରା ମେଲାଇ ଗ୍ରାହକଙ୍କୁ ଚାହିଁ ରହିଛନ୍ତି। ବଡ଼ ବଡ଼ ଶପିଂମଲ୍ ସହ ଛୋଟ ବ୍ୟବସାୟୀମାନେ ପାର୍ବଣକୁ ଦୃଷ୍ଟିରେ ରଖି ଅଫର୍ ପରେ ଅଫର୍ ଘୋଷଣା କରୁଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ରାଜ୍ୟ ବାହାରର ବ୍ୟବସାୟୀମାନଙ୍କର ମଧ୍ୟ ରାଜଧାନୀରେ ଭିଡ଼ ଜମିଛି। ସେମାନେ ସହର ଭିତରେ ଆୟୋଜିତ ବିଭିନ୍ନ ଟ୍ରେଡ୍ ଫେୟାର୍‌ରେ ଭାଗନେଇ ଗ୍ରାହକଙ୍କୁ ପୂଜା ଶପିଂ ପାଇଁ ଆକୃଷ୍ଟ କରୁଛନ୍ତି।

ଦଶହରାକୁ ଦୃଷ୍ଟିରେ ରଖି ରାଜଧାନୀର ବିଭିନ୍ନ ସ୍ଥାନରେ ମେଳା ଆୟୋଜିତ ହୋଇଛି, ଯେଉଁଠିକୁ ରାଜ୍ୟ ଏବଂ ରାଜ୍ୟ ବାହାରର ଶିଳ୍ପୀମାନେ ସେମାନଙ୍କ ସାମଗ୍ରୀର ବିକ୍ରିବଟା ପାଇଁ ଧାଇଁ ଆସିଛନ୍ତି। ଭୁବନେଶ୍ୱରର ପ୍ରମୁଖ ସ୍ଥାନ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଛି ମେଳାର ସମ୍ଭାର। ପ୍ରଦର୍ଶନୀ ପଡ଼ିଆରେ କଟନ୍ ଓ ସିଲ୍କ ବସ୍ତ୍ରକୁ ନେଇ ୩୧ ଅଗଷ୍ଟରୁ ଆରମ୍ଭ ହୋଇଛି କଟନ୍ ଫାବ୍-୨୦୧୮। ହସ୍ତଶିଳ୍ପ ଏବଂ ଗ୍ରାମୋଦ୍ୟୋଗ ସମିତି ପକ୍ଷରୁ ଆୟୋଜିତ ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ ବ୍ୟବସାୟୀ ଯୋଗଦେଇଛନ୍ତି। ଓଡ଼ିଶା ସହ ଲକ୍ଷ୍ନୌ, ରାଜସ୍ଥାନ, ପଞ୍ଜାବ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀକୁ ଏଠାରେ ବିକ୍ରି କରାଯାଉଛି। ଡିଜାଇନର୍ ଡ୍ରେସ୍, ଶାଢ଼ି, ଶାଲୱାର୍, ଦୁପଟା ସାଙ୍ଗକୁ ସୀତାପୁରି ଦରି, ମ୍ୟାଟ୍, ବେଡ୍‌ଶିଟ୍, ପରଦା ଆଦି ଗ୍ରାହକଙ୍କ ଦ୍ୱାରା ଆଦୃତ ହେଉଛି। ସେହିଭଳି ବିଭିନ୍ନ ଜୁଏଲେରି, ରାଜସ୍ଥାନ ଷ୍ଟୋନ୍, ମେଟାଲ୍ ଜୁଏଲେରି ମଧ୍ୟ ଏଠାରେ ଉପଲବ୍ଧ ହେଉଛି। ପ୍ରତିଦିନ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ମେଳା ବୁଲିବାକୁ ଆସୁଥିବା ବେଳେ ଦଶହରାକୁ ନଜରରେ ରଖି କଟନ୍ ଫାବ୍‌କୁ ଅକ୍ଟୋବର ୨ ପରିବର୍ତ୍ତେ ୮ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଯାଇଛି।





ଏହାବ୍ୟତୀତ ସେପ୍ଟେମ୍ବର ୨୮ରୁ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି ରାଜଧାନୀ ବାଣିଜ୍ୟ ମେଳା ୨୦୧୮। ରୁଚି ପକ୍ଷରୁ ଆୟୋଜିତ ଏହି ବାଣିଜ୍ୟ ମେଳା ଅକ୍ଟୋବର ୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏଠାରେ ପରିଧାନ ବସ୍ତ୍ରଠାରୁ ଆରମ୍ଭ କରି ଘରସଜ୍ଜା ଓ ଘରକରଣା ସାମଗ୍ରୀ ଆକର୍ଷଣ ସାଜୁଛି। ଏହାସାଙ୍ଗକୁ ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ୍ ଲୋକଙ୍କୁ ଆକର୍ଷିତ କରୁଛି। ହୋଟେଲ କଳିଙ୍ଗ ଅଶୋକରେ ୧୮ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା 'ସିଲ୍କ ଫାବ୍ ୨୦୧୮' ସୋମବାର ଶେଷ ହୋଇଥିବା ବେଳେ ଏଠାରେ ବି ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏହି ପ୍ରଦର୍ଶନୀ ଏବଂ ବିକ୍ରୟ ମେଳାରେ ସିଲ୍କ ଶାଢ଼ି, ଫର୍ନିଶିଂ, କଟନ ସାଲୱାର୍ ସୁଟ୍, ଡ୍ରେସ୍ ମ୍ୟାଟେରିଆଲ୍, ଓଢ଼ଣି ଆଦି ପକେଟକୁ ସୁହାଇଲା ଭଳି ଦାମ୍‌ରେ ଉପଲବ୍ଧ କରାଯାଇଥିଲା। ସେହିଭଳି ଶୁକ୍ରବାରଠାରୁ ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ରେ ଆରମ୍ଭ ହୋଇଥିବା ବହୁ ପ୍ରତୀକ୍ଷିତ ୱେଡିଂ ଏକ୍ସପୋ ଏହାମଧ୍ୟରେ ଶେଷ ହୋଇଛି। ୩ ଦିନ ପାଇଁ ଆୟୋଜିତ ହୋଇଥିବା ଏହି ଏକ୍ସପୋରେ ପୋଷାକରୁ ଆରମ୍ଭ କରି ଜୁଏଲେରି, ସାଜସଜ୍ଜା ଉପକରଣ ଓ ବିବାହ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ଉପଲବ୍ଧ ହୋଇଥିଲା। ସେପ୍ଟେମ୍ବର ୨୨ରୁ ୩୦ ପର୍ଯ୍ୟନ୍ତ ହୋଟେଲ ନ୍ୟୁ ମ୍ୟାରିୟନ୍‌ରେ ଆୟୋଜିତ ନ୍ୟାଶନାଲ ସିଲ୍କ ଏକ୍ସପୋରେ ଗ୍ରାହକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସିଲ୍କ ଓ କଟନ୍ ଶାଢ଼ି, ଡ୍ରେସ୍ ମ୍ୟାଟେରିଆଲ, ସାଲୱାର୍ ସୁଟ୍, ଷ୍ଟୋଲ୍ସ, ଦୁପଟା ଆଦି ଏଠାକାର ପ୍ରମୁଖ ଆକର୍ଷଣ ମଧ୍ୟରେ ରହିଥିଲା। କେବଳ ସେତିକି ନୁହେଁ, ଆଗକୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସ୍ୱଦେଶୀ ମେଳା, ହସ୍ତତନ୍ତ ପ୍ରଦର୍ଶନୀ ଓ ଅନ୍ୟାନ୍ୟ ଟ୍ରେଡ୍ ଫେୟାର୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।


– ରିପୋର୍ଟ: ସସ୍ମିତା ପାଇକରାୟ

# ଭାବି ନାଇଁ ଥାଇ 'ଆଦିମ ବିଚାର'ରେ ଅଭିନଏ କରମି

ସୁଶ୍ରୀସ୍ମିତା ପଣ୍ଡା

**ଝନେ କୃଷି ଅଧିକାରୀ, ହେଲେ ସଭାବ୍‌ରେ ସେ କଳାର ପୂଜାରିଣୀ। ନିଖୁନ ଅଭିନଏ ଲାଗି ସେ ସୁରୁଷ୍‌ଟି କରିପାରିଛନ୍ ନିଜର ଗୁଟେ ଖାସ୍ ପରିଚଏ। ଛାତ୍ରୀ ଜୀବନରୁ ବହୁତ୍‌ଟେ ନାଟ୍, ଡ୍ରାମା ଆର୍ ନାଚ୍‌ରେ ଭାଗ୍‌ନେଇ ଗୁର୍‌ଦୁଟେ ପରଶଁସା ସାଉଁଟିଛନ୍। ନୂଆଁ ନୂଆଁ ଜାଗା ବୁଲ୍‌ବାର, ଦେଖିବାର ହେଉଛେ ତାକର ଗୁଟେ ବଡ଼ ସଉକ୍। କାମ୍‌କାଯ୍‌ର ଭିଡ୍‌ଭାଡ୍ ଆର୍ ସମିଆ ଅଭାବ୍‌ରୁ ଅଭିନଏ କ୍ଷେତ୍‌ରରେ ବହୁତ୍‌ଟେ ସୁଯୋଗ୍ ହାତ୍‌ଛଡା କରିଛନ୍। ହେଲେ ନାଁକରା ସିନେ ନିର୍‌ମାତା, ନିର୍‌ଦେଶକ ସବ୍ୟସାଚୀ ମହାପାତ୍ରଙ୍କର ଫିଲ୍ମ 'ଆଦିମ ବିଚାର'ର ଗୁଟେ ମୁଖିଆ ଚରିତ୍‌ରରେ ଅଭିନଏ ଲାଗି ମିଲିଥିବାର ସୁଯୋଗ୍‌କେ ସେ ହାତ୍‌ଛଡା ନାଇଁକରି। ବରଂ ନିଖୁନ୍ ଅଭିନଏ କରି ଲୁକ୍‌କର ହୁରୁଦ୍ ଜିତିପାରିଛନ୍। ଇଥର ଧରିତ୍ରୀ ତର୍‌ଫୁ ସୁଶ୍ରୀସ୍ମିତାଙ୍କର ସଂଗେ ହେଇଥିବାର ଆଲାପ।**


ସୁଶ୍ରୀସ୍ମିତା ପଣ୍ଡା




## ଧରିତ୍ରୀ ଆଲାପ

**ଆପନ୍ ଝନେ କୃଷି ଅଧିକାରୀ, ଅଭିନଏ କ୍ଷେତ୍‌ରକେ କେନ୍‌ଥେଇ ଆଏଲେ?**

ହଁ, ମୁଇଁ ଝନେ କୃଷି ଅଧିକାରୀ ହିସାବେ ଗଲା ୫ ବଛର ହେଲା କାମ୍ କରିଆସୁଛେଁ। ହେଲେ ଛାତ୍ରୀ ଜୀବନ୍‌ରେ ବହୁତ୍‌ଟେ ନାଟ୍, ନାଚ୍‌ଗୀତ୍‌ରେ ଭାଗ୍ ନେଇ ଗୁର୍‌ଦୁଟେ ପରଶଁସା ସାଉଁଟିଥିଲି। ଛୁଆବେଲୁ ମୋର ନାଚ୍‌ଗୀତ୍ ଆର୍ ଅଭିନଏ ଉପ୍‌ରେ ବଡ଼ଭାରି ଦୁର୍‌ବଲତା ଥିଲା। ମନ୍‌ପସନର ଭୂମିକାରେ ଅଭିନଏ କର୍‌ବାର ସୁଯୋଗ୍ ମିଲ୍‌ଲାରୁ ସେଟାକେ ହାତ୍‌ଛଡା ନାଇଁକରି।

**'ଆଦିମ ବିଚାର' ଫିଲ୍ମରେ କେନ୍‌ଥେଇ ସୁଯୋଗ ପାଏଲେ?**

ଅନ୍ତରାଷ୍ଟ୍ରୀୟ ପୁରସ୍କାର ପାଇଥିବାର ଚଲଚିତ୍‌ର 'ଆଦିମ ବିଚାର'ର ଗୁଟେ ମୁଖିଆ କଲାକାର 'ପାଗଲି' ଭୂମିକାନେ ଅଭିନଏ କରି ମୁଇଁ ନିଜ୍‌କେ ଧଏନ୍ ମନେକରୁଛେଁ। କାରନ୍ ଇଟାଥିଲା ନିର୍‌ଦେଶକ ସବ୍ୟସାଚୀ ମହାପାତ୍ରଙ୍କର ମୋର ଉପ୍‌ରେ ଆଶୀର୍‌ବାଦ। ମୁଇଁ କେଭେ ବି ଭାବି ନାଇଁଥିଲି ଯେ ଏନ୍‌ତା ଗୁଟେ ଆର୍ଟ ଫିଲ୍ମରେ ଗୁଟେ ମୁଖିଆ ଚରିତ୍‌ରରେ ଅଭିନଏ କର୍‌ମି। ମୁଇଁ ଇତାର ସବୁଯାକ



କ୍ରେଡିଟ୍ ନାଟ୍ୟଶ୍ରୀ ଗଦାଧର ବାରିକ ଆର୍ ନିର୍‌ଦେଶକ ଗୁରୁ ସବ୍ୟସାଚୀ ମହାପାତ୍ରଙ୍କୁ ଦେମି।

**ପେସା, ଅଭିନଏ ବାହାରେ ଆର୍ କେନ୍‌ଥିରେ ରୁଚି ଅଛେ?**

ପେସା ଆର୍ ଅଭିନଏ ବାହାରେ ମୋର ବହୁତ୍‌ଟେ ଜିନିସ୍‌ରେ ରୁଚି ଅଛେ। ଯେନ୍‌ତା କି ଏହେଦେ ମୁଇଁ ସୁବର୍ଣ୍ଣପୁର ସଂଗୀତ୍ ମହାବିଦ୍ୟାଳୟରେ ସଂଗୀତ୍ ଶିଖୁଛେଁ। ଇତାର ବାହାରେ ଭିନେ ଭିନେ ତୀର୍ଥସ୍ଥାନ, ଦେଖିବାର ଜାଗାମାନ୍ ବୁଲ୍‌ବାର ଆର୍ ୪୮ ଘଁଟା ଧରି ଯେନ୍‌ଟା ହେଉ ଗୁଟେ ନାଇଁ ଗୁଟେ ଖାଉଥିବାର ମୋର ବଡ ସଉକ୍।

**ନିଜର ଜୀବନ୍‌ରେ ଆର୍ ଅଭିନଏ କ୍ଷେତ୍‌ରରେ କାହାକେ ନିଜର ଆଦର୍ଶ ମାନ୍‌ସନ?**

ଭଗବାନଙ୍କର ଆଶୀର୍‌ବାଦରୁ ଯେନ୍ ଦେବଦେବୀ ଲେଖେଁ ମା'ବାପ୍ ମୋତେ ଜନମ୍ ଦେଇଛନ୍, ଯତନ୍ କରି ବଢ଼େଇଛନ୍, ସଁସ୍କାର, ଶିକ୍ଷା ଦେଇ ଗୁଟେ ମୁନୁଷ୍ କରି ଗଢ଼ିଛନ୍ ସେମାନେ ହେଉଛନ୍ ମୋର ଜୀବନ୍‌ର ପହେଲା ଆଦର୍ଶ। ଆଉର ଅଭିନଏ କ୍ଷେତ୍‌ରରେ ହଲିଉଡ ଅଭିନେତ୍ରୀ ରାଧିକା ଆପ୍‌ତେ ହେଉଛନ୍ ମୋର ଆଦର୍ଶ। ତାକର ସବୁ ଅଭିନଏ, ଇମୋଶନ, ବଡି ଲାଙ୍ଗୁଏଜ୍ ମୋତେ ବହୁତ୍ ଭଲ୍ ଲାଗ୍‌ସି।

**କେନ୍ ନାଟ୍ କି ଚଲଚିତ୍‌ର ଆପନ୍‌କର ହୁରୁଦ୍ ଜତିଛେ?**

ଓଡ଼ିଆ ଚଲଚିତ୍‌ର ଭୁଖା, ଗପ ହେଲେ ବି ସତ, ସ୍ୱଦେଶ ଆର୍ ଶଳାବୁଢ଼ା ଆଦି ହେଉଛେ ମୋର ରୁଚିର ଚଲଚିତ୍‌ର।

**ପସନ୍‌ର ଅଭିନେତା, ଅଭିନେତ୍‌ରି, ନିର୍‌ଦେଶକ କିଏ?**

ଫିଲ୍ମ ଜଗତ୍‌ରେ ରଣବୀର ସିଂ, ରାଜକୁମାର ରାଓ ମୋର ମନ୍‌ପସନର ଅଭିନେତା। ସେନ୍‌ତା ରାଧିକା ଆପ୍‌ତେ, ଆଲିଆ ଭଟ୍ଟ, ଅପରାଜିତା ମହାନ୍ତି, ଅନୁ ଚୌଧୁରୀ ଇମାନେ ସବୁ ମୋର ମନ୍‌ପସନର ଅଭିନେତ୍‌ରି। ଇ ଅଭିନେତା, ଅଭିନେତ୍‌ରିମାନ୍‌କର ଅଭିନଏ ମୋର ହୁରୁଦ୍ ଛିଁପାରିଛେ ଆର୍ ଅଭିନଏ ଲାଗି ମୋତେ ପେର୍‌ନା ଯୁଗେଇଛେ।

**ପଶ୍ଚିମ ଓଡ଼ିଶାରେ ରହି ଓଡ଼ିଆ ଚଲଚିତ୍‌ର ଜଗତରେ ଭଲ ସ୍କୋପ୍ ପାଏମି ବଲି ଭାବୁଛନ୍ କାଏଁ?**

ପଶ୍ଚିମ ଓଡ଼ିଶାରେ ରହେଲେ ବି ଓଡ଼ିଆ ଚଲଚିତ୍‌ରରେ କାମ୍ ମିଲିପାରବା। କାରନ୍ ତୁଲସୀକେ ଯେତେ ଯତନେ ରଖିଲେ ବି ସେଟା ବାସ୍‌ବା, ସେନ୍‌ତା ମୋର ଆତ୍‌ମବିଶ୍ୱଆସ ଅଛେ। ଯଦି ସବ୍ୟସାଚୀ ସାର୍‌ଙ୍କର ଲେଖେଁ ନିର୍‌ଦେଶକ ମୋର ଭାଏଗ୍‌ରେ ଜୁଟନ୍ ତ ନିହାତି ସୁଯୋଗ୍ ଆର୍ ଭଲ୍ ରୋଲ୍ ପାଏମି ବଲି ଆଶ୍ ଅଛେ।

**ଓଡ଼ିଆ ଫିଲ୍ମ, ଧାରାବାହିକରେ ଅଭିନଏର ସୁଯୋଗ ମିଲିଛେ କାଏଁ? ସୁଯୋଗ୍ ମିଲ୍‌ଲେ କର୍‌ବେ କାଏଁ?**

ହଁ, ଆଗ୍‌ରୁ ବି କେତେ ଫିଲ୍ମ ଆର୍ ଧାରାବାହିକ୍ ଲାଗି ସୁଯୋଗ ମିଲିଥିଲା। ହେଲେ ସମିଆ ଅଭାବ୍‌ରୁ ସବୁ ହାତ୍‌ଛଡା କରିଥିଲି। ହେଲେ ଆଏବାର ଦିନ୍‌ମାନକେ ଯଦି ଭଲ୍ ରୋଲ୍ ମିଲ୍‌ବା ଆର୍ ସମିଆ ସାଥ୍ ଦେବା ତ ନିହାତି ଭାବେ ଅଭିନଏ କର୍‌ମି।

**ବହି ପଢ଼୍‌ବାକେ ପସନ୍ କରସନ୍ କାଏଁ? ପସନ୍‌ର ଲେଖିକା/ଲେଖକ୍?**

ହଁ, କେଭେ କେନ୍‌ତା। ହେଲେ ଜର୍ନି କଲାବେଲେ ବହି ପଢ଼୍‌ବାକେ ବହୁତ ଭଲ୍ ଲାଗ୍‌ସି। ମୁଇଁ ରୋମାଣ୍ଟିକ୍ ଆର୍ ମିଷ୍ଟ୍ରି ନୋଭେଲ ପଢ଼୍‌ବାକେ ଭଲ୍ ପାଏସିଁ। ମୋର୍ ମନ୍‌ପସନର ଲେଖିକା/ଲେଖକ୍‌ମାନ୍‌କର ଭିତ୍‌ରେ ବିଭୂତି ପଟ୍ଟନାୟକ, ଚେତନ ଭଗତ, ପ୍ରତିଭା ରାୟ, ସୋଫି କିନ୍‌ସେଲା।

**ଫିଲ୍ମରେ ଅଭିନଏ ଲାଗି ପରିବାର୍‌ରୁ ସମର୍‌ଥନ ମିଲିଥିଲା କାଏଁ?**

ହଁ, ପରିବାର୍‌ର ବିନା ସମର୍‌ଥନରେ ଆପନ୍ କେହେନ୍‌ସି ବି କାମ୍‌ରେ ସଫଲ୍‌ତା ପାଏବାରଟା ବହୁତ୍ ଭିଡ୍ ଆଏ। ମୋତେ ସବୁବେଲେ ସବୁ କ୍ଷେତ୍‌ରରେ ପରିବାର୍‌ର ସମର୍‌ଥନ୍ ମିଲିଛେ। ମୋର ମା'ବାପା, ଶଶ୍ ଶଶୁର, ଭାଇ ବହେନ୍, ଆପ୍‌ନେ ଆର୍ ମୋର ପୁଓ ସବୁ କ୍ଷେତ୍‌ରେ ମୋରାଲ ସପୋର୍ଟ ଦେଇଛନ୍।

**ନିଜ୍‌କେ ଫିଟ୍ ରଖିବାର ଲାଗି କାଣା କର୍‌ସନ?**

ଆଗରୁ ନିଜ୍‌କେ ଫିଟ୍ ରଖିବାର ଲାଗି ଫିଦିନ୍ ଏକ୍ସରସାଇଜ୍ କରୁଥିଲି। ହେଲେ କାମ୍‌କାଯ୍‌ର ଭିଡ୍‌ଭାଡ୍ ଲାଗି ଏହେଦେ ଟିକେ ଧିମେଇଁ ଯାଇଛେଁ।

**କାଣା ଖାଏବାକେ ପସନ୍ କର୍‌ସନ? କେନ୍ ଖାଏଦ୍ ଭଲ୍ ରାଁଧି ଜାନ୍‌ସନ?**

ମାଉଁସ୍ ଆର୍ ଚିଂଗ୍‌ରା ମୋର୍ ମନ୍‌ପସନର ଖାଏଦ୍ ଆଏ। ଭାତ୍ ଛଡା ବାକି ସବୁ ଭଲ୍ ରାଁଧାବଢ଼ା କରିଯାନ୍‌ସିଁ।

**ଜୀବନ୍‌ରେ ଏନ୍‌ତା କିଛି ମନେ ରଖିଲା ଘଟ୍‌ନା?**

'ଆଦିମ ବିଚାର' ଫିଲ୍ମର ଶୁଟିଂ ଦେଖିବାକେ ଯାଇଥିଲି। ସେଠାନେ ଫିଲ୍ମରେ ସୁଯୋଗ୍ ଦେବାକେ ନିର୍‌ଦେଶକଙ୍କୁ ଅନୁରୋଧ କରିଥିଲି। ସେ ଆଶାସନା ଦେଲେ। ପଛେ ଗଦାଧର ବାରିକ ସାର୍‌ଙ୍କରନୁ ଜାନ୍‌ବାକେ ପାଏଲି ଯେ, ନିର୍‌ଦେଶକ ସବ୍ୟସାଚୀ ସାର୍ ମୋତେ ଫିଲ୍ମରେ ଗୁଟେ ମୁଖିଆ ଚରିତ୍‌ରରେ ଅଭିନଏ ଲାଗି ସୁଯୋଗ୍ ଦେବାକେ ଥିର୍ କରିଛନ୍। ଇ କଥାଟା ମୋର ଜୀବନ୍‌ରେ ସବୁବେଲେ ମନେ ରହେବା।

**ଆଗ୍‌କେ କାଣା ପ୍ଲାନ ଅଛେ?**

ମୁଇଁ ପେସାରେ ଝନେ କୃଷି ଅଧିକାରୀ, ହେଲେ ନିଶା ଅଭିନଏ ଆଏ। ଆଗ୍‌କେ ସବ୍ୟସାଚୀ ସାର୍ ତାକର କେହେନ୍‌ସି ବି ଫିଲ୍ମ, କେହେନ୍‌ସି ବି ଚରିତ୍‌ରରେ ଅଭିନଏ ଲାଗି ସୁଯୋଗ ଦେଲେ କର୍‌ମି। ଇତାର ବାହାରେ କେହେନ୍‌ସି ବି କଳାତ୍ମକ ଫିଲ୍ମରେ ଅଭିନଏ ଲାଗି ଭଲ୍ ଚରିତ୍‌ରଟେ ମିଲ୍‌ଲେ ନିହାତି ସମିଆ ବାହାର କରି ନିଖୁନ୍ ଅଭିନଏ ଲାଗି ଚେଷ୍ଟା କର୍‌ମି।

**ସାକ୍ଷାତ–ମନୋରଞ୍ଜନ ପାଣିଗ୍ରାହୀ**